# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 18 March - 2026

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆସନ୍ତା ଆର୍ଥିକବର୍ଷ ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଉପରେ ଚାଲିଛି ଆଲୋଚନା
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ଦିଆଯାଉଛି ଶତ ପ୍ରତିଶତ ଚାଉଳ
- ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଚାଲିଛି ବନକ ଲାଗି ନୀତି

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ରାଜ୍ୟର ନଅଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା। ବିରୋଧୀ ଦଳର ସଦସ୍ୟମାନେ ପୁନର୍ବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ସଦସ୍ୟମାନଙ୍କୁ ଆଜି ଦିବସର କାର୍ଯ୍ୟସୂଚୀରେ ସ୍ଥାନ ପାଇଥିବା ଗୁରୁତ୍ୱପୂର୍ଣ୍ଣ ପଂଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେବାକୁ ନିବେଦନ କରିଥିଲେ।

ବିରୋଧୀ ସଦସ୍ୟମାନେ ସେମାନଙ୍କ ଦାବିରେ ଅଟଳ ରହି ଗୃହରେ ହଟ୍ଟଗୋଳ ଜାରି ରଖିଥିଲେ। ବାଚସ୍ପତିଙ୍କ ଅନୁମତିକ୍ରମେ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩୪ ହଜାର ୧୦୧ କୋଟି ୯୬ ଲକ୍ଷ ୨୬ ହଜାର ଟଙ୍କା ଏବଂ ୧୦ ହଜାର ୨୦୪ କୋଟି ୧୦ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ଉପସ୍ଥାପନ କରିଥିଲେ।

ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେବା ପାଇଁ ବାଚସ୍ପତି ବାରମ୍ବାର ବିରୋଧୀ ଦଳ ସଦସ୍ୟଙ୍କୁ ପଚାରିଥିଲେ ମଧ୍ୟ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ନ ଥିଲେ।

ବାଚସ୍ପତି ବାଧ୍ୟ ହୋଇ କେବଳ ଶାସକ ଦଳର ସଦସ୍ୟଙ୍କୁ ଆଲୋଚନାରେ ଭାଗ ନେବାକୁ ଡାକିଥିଲେ। ଶାସକ ଦଳର ସଦସ୍ୟ ସର୍ବଶ୍ରୀ ପ୍ରତାପ ଚନ୍ଦ୍ର ନାୟକ, ସନ୍ତୋଷ ଖଟୁଆ, ବାବୁ ସିଂ, ଅମର ନାୟକ, ସନାତନ ବିଜୁଳୀ,

ଇରାଶୀଷ ଆଚାର୍ଯ୍ୟ, ଭାଦବ ହାଁସଦା ଖର୍ଚ୍ଚଦାବିକୁ ସମର୍ଥନ କରି ବକ୍ତବ୍ୟ ରଖିଥିଲେ। ପ୍ରତିବାଦରେ ବିରୋଧୀ ଦଳର ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ। ବର୍ତ୍ତମାନ ଗୃହରେ ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି।

## ବିଧାନସଭା

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଶତପ୍ରତିଶତ ଚାଉଳ ବଣ୍ଟନ କରାଯାଉଛି। ତେବେ ଆଗାମୀ ଦିନରେ ଗହମ ବଣ୍ଟନ କରିବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରଶ୍ନର ଉତ୍ତରରେ  ଆଜି ବିଧାନସଭାରେ କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧୀନରେ ଥିବା ୮୬ ହଜାର ୬୨୫ ଜଣ ପରିବାରକୁ ଓ ୧୨ ଲକ୍ଷ ୩୬ ହଜାର ୩୯୯ ଅନ୍ତ୍ୟୋଦୟ ପରିବାର ସଦସ୍ୟଙ୍କୁ ବିନା ମୂଲ୍ୟରେ ଚାଉଳ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ୧ ଲକ୍ଷ ୧୫ ହଜାର ୧୨୯ ପରିବାରକୁ ହାରାହାରି ୧ ଲକ୍ଷ ୮୮ ହଜାର ମେଟ୍ରିକ୍‌ଟନ୍ ଚାଉଳ ଯୋଗାଇ ଦିଆଯାଉଛି।

## ବିଧାନସଭା-ମାଛ

ରାଜ୍ୟର ଉପକୂଳବର୍ତ୍ତୀ ୬ଟି ଜିଲ୍ଲା ଓ ଚିଲିକାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବିଭିନ୍ନ ପ୍ରକାରର ସମୁଦ୍ର ଉତ୍ପାଦ ବିଦେଶକୁ ରପ୍ତାନୀ କରାଯାଉଛି। ଗତ ୨ ବର୍ଷ ମଧ୍ୟରେ ମାଛ ରପ୍ତାନୀ ବାବଦକୁ ୮ ହଜାର ୬୬୪ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ସୂଚନା ଦେଇଛନ୍ତି। ଗତ ଦୁଇବର୍ଷରେ ରାଜ୍ୟରୁ ଚିଙ୍ଗୁଡି, ମାଛ, ସ୍କୁଇଡ୍ ଆଦି ସାମୁଦ୍ରିକ ଉତ୍ପାଦ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଜାପାନ, ୟୁରୋପୀୟ ଦେଶ ଓ ଦକ୍ଷିଣ ପୂର୍ବ

ଏସିଆର ବିଭିନ୍ନ ଦେଶକୁ ରପ୍ତାନୀ ହେଉଛି । ଏହି ରପ୍ତାନୀ ପାରାଦ୍ୱୀପ ବନ୍ଦର ସହିତ କୋଲକାତା, ବିଶାଖାପାଟଣା ବନ୍ଦର ଏବଂ ଭୁବନେଶ୍ୱର ବିମାନ ବନ୍ଦରରୁ ଏୟାର କାର୍ଗୋ ମାଧ୍ୟମରେ ରପ୍ତାନୀ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି ।

## ସମୀକ୍ଷା

ଭୁବନେଶ୍ୱରରେ ନିର୍ମାଣାଧୀନ ବିଧାୟକ ଆବାସିକ କମ୍ପ୍ଲେକ୍ସର ଅଗ୍ରଗତି ସମ୍ପର୍କରେ ଆଜି ଆଇନ୍ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ୬ଟି ଟାୱାରବିଶିଷ୍ଟ ଏହି ଆବାସିକ କମ୍ପ୍ଲେକ୍ସରେ ମୋଟ ୩୦୦ଟି ଫ୍ଲାଟ ରହିଛି । ସେଥିମଧ୍ୟରୁ ୧୦୫ଟି ଟାଇପ୍-୭ ଫ୍ଲାଟ୍ ରହିଥିବାବେଳେ ୧୯୫ଟି ଟାଇପ୍-୬ ଫ୍ଲାଟର ବ୍ୟବସ୍ଥା ରହିଛି । ଏଥିରେ ୧୩୦ ଜଣ ବିଧାୟକ ଓ ୧୭୦ ଜଣ ବରିଷ୍ଠ ଅଧିକାରୀ ରହିବା ଭଳି ବ୍ୟବସ୍ଥା କରାଯାଇଛି । ଏଥିସହିତ କମ୍ପ୍ଲେକ୍ସ ପରିସରରେ ଭୂତଳ ଜଳ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା, ସବୁଜ ବଳୟରେ ପରିଣତ କରିବା ପାଇଁ ବଡ଼ ବଡ଼ ଉପାଦେୟ ଗଛ ଲଗାଇବା, ଅତିଥିମାନଙ୍କ ପାଇଁ ୫୦ କୋଠରୀବିଶିଷ୍ଟ ଏକ କ୍ଲବ୍‌ହାଉସ୍ ନିର୍ମାଣ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

# ବନକଲାଗି ବେଶ

ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ବର୍ତ୍ତମାନ ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଛି । ସୂଚନା ଅନୁସାରେ, ମହାପ୍ରଭୁଙ୍କର ଏହି ଗୁପ୍ତନୀତି ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ଶ୍ରୀଜୀଉଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

## ଯୁଗ୍ମ ବୈଠକ

**ପୁରୀ** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସାଂସ୍କୃତିକ ଓ ପ୍ରକଳ୍ପ ବୈଷୟିକ ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ ଶେଷ କରିବା, ଏମ୍‌ଆର୍‌ ମଠଠାରେ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର, ରଘୁନାଥ ଲାଇବ୍ରେରୀ ସ୍ଥାପନା ନେଇ ପ୍ରସ୍ତୁତ ହୋଇଥିବା ରୂପରେଖ ଉପରେ ବିଶେଷ ଆଲୋଚନା କରାଯାଇଥିଲା । ରଘୁନନ୍ଦନ ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେସନ କରାଯିବ । ଜଗନ୍ନାଥ ସଂସ୍କୃତି ବିଷୟରେ ଏଠାରେ ଗବେଷଣା ହେବ । ସେହିପରି ସେବାୟତ ଗୁରୁକୁଳ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆସନ୍ତା ମଇ ମାସ ସୁଦ୍ଧା ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଥିବା ନୀଳାଚଳ ଭକ୍ତନିବାସ ପ୍ରଶସ୍ତୀକରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୁରୀ ବଡଦାଣ୍ଡର ଉନ୍ନତୀକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା । ରଥଯାତ୍ରା ପୂର୍ବରୁ ଓବିସିସି ଦ୍ୱାରା ନିର୍ମାଣାଧୀନ ଥିବା ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି ।

## ରଥକାଠ

**ବୌଦ୍ଧ** ଜିଲ୍ଲାରୁ ପୁରୀ ରଥଯାତ୍ରା ପାଇଁ ରଥକାଠ କଟା କାର୍ଯ୍ୟ ଆରମ୍ଭ ହୋଇଛି । ମାଧପୁର ରେଞ୍ଜ ଅଧୀନ ମୁଣ୍ଡେଶ୍ୱର ଜଙ୍ଗଲରୁ ଅସନ, ଧଉରା, ଫାଁଶି ଓ ସିମିଳି କାଠ କଟାଯାଉଛି ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ

କହିଛନ୍ତି। ଜିଲ୍ଲାର ପାଞ୍ଚୋଟି ରେଞ୍ଜ ମାଧପୁର, ପୁରୁଣା କଟକ, ବୌଦ୍ଧ, ମନମୁଣ୍ଡା ଓ କଣ୍ଟାମାଳରୁ ମୋଟ ୨୦୦ ଖଣ୍ଡ ରଥକାଠ ପୁରୀକୁ ପଠାଯିବ।

## ଚନ୍ଦନ ଯାତ୍ରା

**ନୟାଗଡ଼** ଜିଲ୍ଲା କଣ୍ଟିଲୋସ୍ଥିତ ନୀଳମାଧବଜୀଉଙ୍କଠାରେ ଅକ୍ଷୟତୃତୀୟାଠାରୁ ୨୧ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ତହସିଲଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନ ପୋଖରୀକୁ ସମ୍ପୂର୍ଣ୍ଣ ଭାବେ ସଫା କରାଯାଇ ମହାନଦୀରୁ ପାଣି ଭର୍ତ୍ତି କରିବାକୁ ସ୍ଥିର କରାଯାଇଛି। ଏଥିସହ ପୋଖରୀର ସୌନ୍ଦର୍ଯ୍ୟକରଣ, ଆଲୋକବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି।

## ଗ୍ରୀଷ୍ମ ବୈଠକ

**କୋରାପୁଟ** ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଂଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମାଗାର ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ହସ୍‌ପିଟାଲରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ ମହଜୁଦ ରଖିବା, ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସୌରଚାଳିତ ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଦୂଷଣ କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଓ ବାଲ୍ୟବିବାହ ନିରାକରଣ ସମ୍ପର୍କିତ

ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାପକ ବୃକ୍ଷରୋପଣ କରି ପ୍ରଦୂଷଣ ରୋକିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବୈଠକରେ ଯୋଗଦେଇ ବାଲ୍ୟ ବିବାହ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

## ସଚେତନତା ଶିବିର

**ଦେବଗଡ଼**ଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପିତା-ମାତା ଓ ବରିଷ୍ଠ ନାଗରିକଙ୍କ ଭରଣ-ପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୭ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

## ହୋମ୍‌ଗାର୍ଡ

**ନୂଆପଡା** ଜିଲ୍ଲା ପୁଲିସ୍ ବିଭାଗ ପକ୍ଷରୁ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ମୌଖିକ ସାକ୍ଷାତକାର ଆସନ୍ତା ଶନିବାରଠାରୁ ଆରମ୍ଭ ହେବ। ତାଲିକାରେ ନାମ ଥିବା ପ୍ରାର୍ଥୀମାନେ ନିର୍ଦ୍ଧାରିତ ତାରିଖରେ ସିଲାଧାସ୍ଥିତ ରିଜର୍ଭ ପୁଲିସ୍ ପଡିଆରେ ଉପସ୍ଥିତ ରହିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

## କର୍ମଶାଳା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରଠାରେ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସମନ୍ୱିତ ଫସଲ ବିବିଧିକରଣ ଉପରେ କର୍ମଶାଳା ଆୟୋଜିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଯୋଗଦେଇ ମୃତ୍ତିକା ପରୀକ୍ଷଣର ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧିରେ ମୃତ୍ତିକାର ଗୁରୁତ୍ୱ, ଫସଲର କ୍ଷତିକାରକ ରୋଗ ପୋକର ନିୟନ୍ତ୍ରଣ ପଦ୍ଧତି ଉପରେ ଆଲୋଚନା କରିଥିଲେ।

## ଅଭିଯୋଗ ଶୁଣାଣି ଶିବିର

**କେନ୍ଦ୍ରାପଡ଼ା** ଜିଲ୍ଲାର ବିଭିନ୍ନ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷକ ସହ ଅଣଶିକ୍ଷକ କର୍ମଚାରୀମାନଙ୍କ ସେବାଜନିତ ପ୍ରାପ୍ୟ ଅଧିକାର ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଆସନ୍ତା ୨୮ ତାରିଖ ଦିନ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ସାଢ଼େ ୧୦ଟାଠାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ଶିବିର ଅନୁଷ୍ଠିତ ହେବ।

## ପ୍ରତିଭା ଚୟନ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଷ୍ଟାଡିୟମ୍‌ରେ ଆଜିଠାରୁ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୮ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯିବ। ଆଥଲେଟିକ୍ସ, ଖୋଖୋ, ଭଲିବଲ, ବାସ୍କେଟବଲ, ସାଇକେଲିଂ, ଜିମନାଷ୍ଟିକ୍, ସନ୍ତରଣ ପ୍ରତିଯୋଗିତାରେ ଏମାନେ ଭାଗ ନେଇ ପାରିବେ।

**ମାଲକାନଗିରି** ଜିଲ୍ଲାରେ ମଧ୍ୟ ଆଜିଠାରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାର ତିନୋଟି ସ୍ଥାନରେ ଚୟନ ପ୍ରକ୍ରିୟା ଚାଲିଛି। ପ୍ରତିଭା ଅନ୍ୱେଷଣ ଶିବିରରେ ଭାଗ ନେବା ପାଇଁ ୫୮୯ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଛନ୍ତି।

## ପାଣିପାଗ

ରାଜ୍ୟର ଉପକୂଳବର୍ତ୍ତୀ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ଓ ବର୍ଷା ସହିତ ଝଟ୍‌କା ପବନ ବହିବାର ସମ୍ଭାବନା

ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତାକାଲି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳବର୍ତ୍ତୀ ଅଂଚଳର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆଗାମୀ ସାତ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି ।